# Akashvani, Sambalpur

## SAMBALPURI NEWS BULLETIN

### 16 May 2025- 6.47- 6.52 am.

*************************************************

ଅଦିନିଆ ବର୍ଷା- ବିପର୍ଯ୍ୟୟ CMO

ରାଜ୍ୟ ସର୍କାର୍ ଅଦିନିଆ ବର୍ଷାକେ ରାଜ୍ୟ ଭିତିକ ବିପର୍ଯ୍ୟୟ ଭାବେ ଘୋଷ୍ନା କରିଛନ୍ । ଇ ବାବଦ୍ ପ୍ରସ୍ତାବ୍‌କେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ । ପ୍ରସ୍ତାବ୍ ଅନ୍‌ସାରେ ରାଜ୍ୟର୍ ଚାଷୀମାନେ ଅଦିନିଆ ବର୍ଷାଥି ଫସଲ୍ ନୁକ୍‌ସାନ୍ ହେଲେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିନୁ ସାହାଜ୍ ପାଇପାର୍‌ବେ । ପାଣ୍ଠିର୍ ବାର୍ଷିକ୍ ଆବଂଟନ୍‌ର ୧୦ ପ୍ରତିଶତ୍ ଅର୍ଥ ଇଥିର୍‌ଲାଗି ବିନିଯୋଗ୍ କରାଯାଇପାର୍‌ବା ।

ସୂଚ୍‌ନା ଅନ୍‌ସାରେ, ଆଘୋନୁ ୮ ଟା ବିପର୍ଯ୍ୟୟକେ ରାଜ୍ୟ ଭିତିକ ବିପର୍ଯ୍ୟୟ ଭାବେ ଘୋଷ୍ନା କରାଯାଇଥିଲା ।

ଉପମୁଖ୍ୟମନ୍ତ୍ରୀ ଜଲ୍‌ସେଚନ୍ ପ୍ରକଳ୍ପ ସମୀକ୍ଷା/ଆର୍‌ଏନ୍‌ୟୁ ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଠାନେ ବଲାଙ୍ଗିର୍ ଜିଲ୍ଲାର୍ ଉପରଲାନ୍ତ ଆର୍ ନୂଆପଡ଼ା ଜିଲ୍ଲାର୍ ଲୋୟର୍ ଇନ୍ଦ୍ର ଜଲ୍‌ସେଚନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ଇ ଦୁହି ପ୍ରକଳ୍ପ ଠିକ୍ ଭାବେ କାର୍ଯ୍ୟକାରୀ ହେଲେ ଦୁହି ଜିଲ୍ଲା ନ ପାଖାପାଖି ୩୦ ହଜାର୍ ହେକ୍ଟର୍ ଚାଷ୍ ଜମିକେ ପାଏନ୍ ମଡ଼ାଯାଇପାର୍‌ବା । ହେଥିର୍‌ଲାଗି ଇ ଦୁହି ପ୍ରକଳ୍ପର୍ ସବୁ କାମ୍ ତୁର୍‌ତି ସାର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ- ଜନ ଅଭିଯୋଗ୍ ଶୁଣାଣି ଶିବିର୍/ଆର୍‌ଏନ୍‌ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆଏବା ସୋମ୍‌ବାର୍ ୧୯ ତାରିଖ୍ ନୂଆଁ ଜାଗା ଭୁବ୍‌ନେଶ୍ୱର୍ ୟୁନିଟ୍-୨ ଅଶୋକ ନଗର୍ କେପିଟାଲ୍ ନର୍ସରୀ ପାଖେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ଠାନେ ହେବା । ଇଥିର୍‌ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ମୁଲ୍ ହେଉଛେ । ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ janasunani.odisha.gov.in ଆଉ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ।

ଧର୍ମେନ୍ଦ୍ର ପ୍ରଧାନ୍-ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଅପରେସନ୍ ସିନ୍ଦୁର୍ର ସଫଳତା ଆଉ ଭାରତୀୟ ଜବାନ୍ ମାନ୍କର୍ ପରାକ୍ରମ୍କେ ସମ୍ମାନ୍ ଜନେଇକରି ଆଏଜ୍ ସମ୍ବଲ୍ପୁର୍ ଠାନେ ପରାକ୍ରମ୍ ଶୋଭାଯାତ୍ରା ଆୟୋଜନ୍ କରାଯିବା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କର୍ବେ । ଶୋଭାଯାତ୍ରା ସଖାଲର୍ ସାଢ଼େ ୮ ବଜେ ସହରର୍ ଜେଲ୍ଛକ୍ ନୁ କଚ୍ରୀ ଛକ୍ ତକ୍ ଯିବା ।

ସେଆଡ଼େ ଗଲାକାଏଲ୍ ଶ୍ରୀ ପ୍ରଧାନ୍ ନିଜର୍ ନିର୍ବାଚନ୍ ମଣ୍ଡଳୀ ଅନୁଗୁଳ୍ ଜିଲ୍ଲା ଆଠ୍ମଲ୍ଲିକ୍ ଠାନେ ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟର୍ ଲୋକାର୍ପଣ୍ ଆର୍ ସ୍ଥାୟୀ କେମ୍ପସ୍ର ଭୂମିପୂଜନ୍ କରିଛନ୍ । ଇ ଅବ୍ସରେ ଉଦ୍ବୋଧନ୍ ଦେଇକରି ଶ୍ରୀ ପ୍ରଧାନ୍ ନୂଆପିଢ଼ିର୍ ଛାତ୍ରଛାତ୍ରୀମାନ୍କୁ ଗୁଣାତ୍ମକ ଶିକ୍ଷା ଯୁଗେଇ ଦେବାର୍ଥି ସର୍କାର୍ ଅଏତ୍କା ଧ୍ୟାନ୍ ଦେଉଛନ୍ ବଲି କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍  ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଠାନେ ଗଲାକାଏଲ୍ ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ବିଭାଗ୍‌ର କ୍ଷେତ୍ର ଅଧିକାରୀମାନ୍‌କର୍ ୨ ଦିନିଆ କର୍ମଶାଳା ଆଉ ସମୀକ୍ଷା ବୈଠକ୍ ଉଦ୍‌ଯାପିତ୍ ହେଇଛେ । ବୈଠକ୍‌ଥି ଖୁଚୁରା ଆର୍ ଡିଜିଟାଲ୍ ବଜାର୍ ଉପ୍‌ରେ ଧ୍ୟାନ୍ ଦେବାର୍‌କେ ନିଷ୍ପତି ହେଇଛେ । କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଲୟ ଆଉ ଓ.ଏନ୍.ଡି.ସି. ସହଯୋଗ୍‌ଥି ବିଭାଗ୍ ବିପଣନ ନକ୍ସା ତିଆର୍ କର୍‌ବାର୍‌କେ ଯୋଜ୍‌ନା କରିଛେ । ସେନ୍ତା ପୁର୍‌ଥିର୍ ଭିନ୍ ଭିନ୍ ଜାଗାକେ ଓଡ଼ିଶାର୍ ଐତିହ୍ୟ ସମ୍ପନ୍ନ ହସ୍ତଶିଳ୍ପ ଆଉ ହସ୍ତତନ୍ତ ଦରବ୍ ପୁହୁଁଚାବାର୍ ଲାଗି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-ଖେଲାଲି ସମ୍ବର୍ଦ୍ଧିତ I&PR

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା-୨୦୨୫ ଥି ସ୍ୱର୍ଣ୍ଣପଦକ୍ ହାସଲ୍ କରିଥିବା ଓଡ଼ିଶା ମହିଳା ହକି ଦଲ୍, ରୌପ୍ୟପଦକ୍ ପାଇଥିବା ଓଡ଼ିଶା ପୁରୁଷ ଫୁଟ୍‌ବଲ୍ ଦଲ୍, ୪ ନମ୍ବର୍ ଠାନେ ରହିଥିବା ପୁରୁଷ ହକି ଦଲ୍ କେ ଗଲାକାଏଲ୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ସମ୍ବର୍ଦ୍ଧିତ୍ କରାଯାଇଛେ । କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଖେଲାଲିମାନ୍‌କୁ ସମ୍ବର୍ଦ୍ଧିତ୍ କରିକରି ଖେଲାଲିମାନ୍‌କର୍ ସ୍ୱର୍ଣ୍ଣିମ ଜୟଯାତ୍ରା ଲାଗି ଆମେ ଗର୍ବିତ ବଲି କହିଛନ୍ ।

ଜାତୀୟ ଡେଙ୍ଗୁ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ଡେଙ୍ଗୁ ଦିବସ୍ । ଡେଙ୍ଗୁ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଇ ଦିବସ୍ ପାଲନ୍ କରାଯାଏସି ।  ଡେଙ୍ଗୁ ଦିବସ୍ ଲାଗି ଇ ବଛ୍‌ରର୍ ବାର୍ତା ରହିଛେ 'ଲୁକ୍‌କର୍ ଜରିଏ ହିଁ ଡେଙ୍ଗୁ ନୁ ସୁରକ୍ଷିତ୍ ରହିହେବା' । ଜର୍ ସହେତେ ମୁଡ଼୍‌ଦୁଖା ଆର୍ ବାନ୍ତି ହେବା, ମୁହୁଁ ଆର୍ ନାକୁ ରକତ୍ ବାହାର୍‌ବାର୍ ସହେତେ ଭୋକ୍ ମରିଯିବାର୍ ଆର୍ ପ୍ଲେଟ୍‌ଲେଟ୍ କମିଯିବାର୍‌ଟା ହେଉଛେ ଡେଙ୍ଗୁର୍ ଲକ୍ଷଣ୍ ।

ଏଥର୍ କେତେଟା ଖବର୍ ସଂକ୍ଷେପଥି-

- ଓଡ଼ିଶା ଖଣି ନିଗମ୍‌ର ୭୦ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ଭୁବ୍‌ନେଶ୍ୱର୍ ଓୟୁଏଟି କୃଷି ଶିକ୍ଷା ସଦନ୍ ଠାନେ ପାଲନ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କେନ୍ଦୁଝର୍‌ର ଡୁବ୍‌ନା ଲୁହାପଥର୍ ଖଣି ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ ।
- ରାଜ୍ୟ ସର୍‌କାର୍ କୃଷି ପର୍ଯ୍ୟବେକ୍ଷକ୍ ମାନ୍‌କର୍ ମାସିକ୍ ଗସ୍ତ ଭତାକେ ୪ ଶହ ୫୦ ଟଙ୍କାନୁ ୧୫ ଶହ ଟଙ୍କାକେ ବଢ଼େଇଛନ୍ ।  ଇ ବାବଦ୍ ପ୍ରସ୍ତାବ୍‌କେ ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଅନୁମୋଦନ୍ କରିଛନ୍ ।

ଇଥି  ରାଜ୍ୟର୍ ୧ ହଜାର୍ ୨ ଶହ ୫୭ ଝନ୍ କୃଷି ପର୍ଯ୍ୟବେକ୍ଷକ୍ ଲାଭ୍ ପାଏବେ ।

- ଅପରେସନ୍ ସିନ୍ଦୁର୍‌ର ସଫଳତାକେ ସମ୍ମାନ୍ ଜନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ସିନ୍ଦୁର୍ ଯାତ୍ରା  ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଇଥି ଯୋଗ୍ ଦେବେ ।

- ଇ ବଛର୍ ଶେଷ୍‌ତକ୍ କଟକ୍- ସମ୍ବଲ୍‌ପୁର୍ ଜାତୀୟ ରାଜ୍‌ପଥ୍ କାମ୍ ଶେଷ୍ ହେବା ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଗଲାକାଏଲ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ରାଜ୍ୟର୍ ଜାତୀୟ ରାଜ୍‌ପଥ୍ ପ୍ରକଳ୍ପମାନ୍‌କର୍ କାମ୍‌ର ସମୀକ୍ଷା କରିକରି ଆଏବା ସେପ୍ଟେମ୍ବର୍ ମାସ୍‌ତକ୍ ୨ ହଜାର୍ କୋଟି ଟଙ୍କାର୍ ରାସ୍ତା କାମ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି କହିଛନ୍ ।

ନୂଆପଡ଼ା ଧାନ୍ ଘିନା            ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆପଡ଼ା ଜିଲ୍ଲା ନ ଡାଲୁଆ ଧାନ୍ ଘିନା ଆଏବା ୨୦ ତାରିଖ୍‌ନୁ ମୁଲ୍ ହେବା । ଜିଲ୍ଲାର୍ ସାରାବଙ୍ଗ ପେକ୍ସ ନ ପହେଲା ଦିନ ଧାନ୍ ଘିନାଯିବା । ଗଲାକାଏଲ୍ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧକ୍ଷତାଥି ହେଇଥିବା

ସମବାୟ ବିକାଶ୍ ଆଉ ରବି ଧାନ୍ ଘିନା କମିଟିର୍ ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ ।